# ଦନ୍ତାକୁ ଖୋଜୁଛି ସାଥୀ ଦନ୍ତା ହାତୀ

**ମାଲଗାଡ଼ି ଧକ୍କାରେ ହାତୀ ମୃତ୍ୟୁ ଘଟଣା**

- ଗର୍ଜନ କରି ଚଳାଇଛି ଉପଦ୍ରବ
- ଚିନ୍ତାରେ ବନ ବିଭାଗ କର୍ମଚାରୀ

ଢେଙ୍କାନାଳ,୪।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ରେଞ୍ଜ୍ ମୋଟଙ୍ଗା ଥାନା ମେରାମଣ୍ଡଳୀ ଷ୍ଟେଶନ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ତାଳଚେରରୁ ଆସୁଥିବା ଏକ ମାଲ ବୋଝେଇ ଟ୍ରେନ୍ ଧକ୍କାରେ ରେଳଧାରଣା ପାର ହେଉଥିବା ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ବର୍ତ୍ତମାନ ସୁଦ୍ଧା ବନବିଭାଗ ଓ ରେଳବାଇ କର୍ମଚାରୀ ପରସ୍ପର ଉପରେ ଦୋଷ ଲଦୁଥିବା ବେଳେ ଦୋଷ କାହାର ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଫଳରେ ଘଟଣାର ୪୮ ଘଣ୍ଟା ପରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପଟରେ ଟ୍ରେନ୍ ଧକ୍କାରେ ପ୍ରାଣ ହରାଇଥିବା ଦନ୍ତା ହାତୀକୁ ଦଳରେ ଥିବା ଆଉ ଏକ ଦନ୍ତାହାତୀ ଖୋଜିବା ଓ ଏଣେତେଣେ ବୁଲି ଗର୍ଜନ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି।


ଟ୍ରେନ୍ ଧକ୍କାରେ ମରି ଯାଇଥିବା ଦନ୍ତା ହାତୀକୁ ଖୋଜୁଛି ସାଥୀ ଦନ୍ତା ହାତୀ।

ପ୍ରକାଶ ଯେ, ଉକ୍ତ ୪୯ ଟିକିଆ ହାତୀ ପଲରେ ୨ଟି ଦନ୍ତା ହାତୀ ଦଳପତି ଥିଲେ। ସେଥିରୁ ଗୋଟିଏ ଦନ୍ତା ହାତୀର ଟ୍ରେନ୍ ଧକ୍କାରେ ମୃତ୍ୟୁ ହେଲାପରେ ଅନ୍ୟ ଦନ୍ତା ହାତୀଟି ନିଜ ସାଥୀକୁ ଖୋଜିବାରେ ଲାଗିଛି। ସାଥୀ ଦନ୍ତାକୁ ନ ପାଇ ହାତୀଟି ଏଣେତେଣେ ବୁଲି ଗର୍ଜନ କରିବା ସହିତ ଅଧିକ ହିଂସ୍ର ହୋଇ ଉପଦ୍ରବ କରୁଥିବାରୁ ବନବିଭାଗ କର୍ମଚାରୀ ଚିନ୍ତାରେ ପଡିଛନ୍ତି। ପ୍ରତିଦିନ କର୍ମଚାରୀମାନେ ଉକ୍ତ ଦନ୍ତା ହାତୀର ଗତିବିଧି ଉପରେ ନଜର ରଖିଛନ୍ତି। ଅନ୍ୟପକ୍ଷରେ ହାତୀ କରିଡର ଅଞ୍ଚଳ ଦେଇ ଯାଇଥିବା ରେଳପଥରେ ଟ୍ରେନ ବେଗ କମାଇ ଘଣ୍ଟାକୁ ୩୦ କିମି ବେଗରେ ଯିବା ପାଇଁ ବନବିଭାଗ ପକ୍ଷରୁ ରେଳବାଇକୁ କସନ ଜାରି କରିଥିବାବେଳେ ମାଲଗାଡି ଚାଳକମାନେ ଏହାକୁ ନ ମାନି ଦ୍ରୁତ ଗତିରେ ଯାଉଥିବା ବନବିଭାଗ କର୍ମଚାରୀ ଅଭିଯୋଗ କରୁଛନ୍ତି। ସେହିପରି ହାତୀ ରେଳଧାରଣା ପାର ହେଉଥିବା ବେଳେ ଦିନ କିମ୍ବା ରାତିରେ ମଧ୍ୟ ବନବିଭାଗ କର୍ମଚାରୀ କୌଣସି ସତର୍କ ସୂଚନା ଧରି ଛିଡା ହେଉନାହାନ୍ତି ବୋଲି ରେଳବାଇ କର୍ମଚାରୀ ଅଭିଯୋଗ କରୁଥିବା ଆଲୋଚନା ହେଉଛି। କେବଳ କସନ ଜାରି କରିଦେଇ ବନବିଭାଗ ନିଜ ଦାୟିତ୍ୱ ଖସାଇଦେଇ ବସିଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଦୁର୍ଘଟଣା ପରେ କପିଳାସ ପ୍ରାଣୀ ଉଦ୍ୟାନରୁ ଏକ ଫୋରେନ୍ସିକ୍ ଟିମ୍ ହିନ୍ଦୋଳରୋଡ ରେଳ ଷ୍ଟେଶନ ଯାଇ ଦୁର୍ଘଟଣା ଘଟାଇଥିବା ରେଳ ଇଞ୍ଜିନରେ ଲାଗିଥିବା ରକ୍ତ ପରୀକ୍ଷା ପାଇଁ ସଂଗ୍ରହ କରିଛନ୍ତି। ଏହାପରେ ଉକ୍ତ ଇଞ୍ଜିନକୁ ନିୟମ ମୁତାବକ ଜିମାନିମା କରାଯାଇ ଛାଡି ଦିଆଯାଇଥିବା ଏକ ସୂତ୍ରରୁ ଜଣାପଡିଛି। ଘଟଣା ସମ୍ପର୍କରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, ଏଭଳି ଘଟଣାରେ ହଠାତ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ କଥା ନୁହେଁ। ଏଥିପାଇଁ ତଦନ୍ତ ଚାଲିଛି। ତଦନ୍ତ ରିପୋର୍ଟ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଏହି ଘଟଣାରେ କାହାକୁ ଅଟକ ରଖାଯାଇନାହିଁ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି।

# ୧୨ ଫୁଟ୍‌ର ଅଜଗର ଉଦ୍ଧାର

ପରଜଙ୍ଗ,୪।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ତଳବେରଣା ଯଜ୍ଞ ମଣ୍ଡପ ଠାରୁ କିଛି ଦୂରରୁ ଏକ ୧୨ ଫୁଟର ଅଜଗର ଉଦ୍ଧାର ହୋଇଛି। ସାପଟି କାଠ ତଳେ ଥିବା ବେଳେ କାଠ ଆଣିଲା ବେଳେ ସାପଟିକୁ ଦେଖି ଲୋକଙ୍କ ମନରେ ଭୟ ସୃଷ୍ଟି ହୋଇଥିଲା। ପରେ ଜଣେ ସ୍ଥାନୀୟ ଯୁବକ ସୁରକ୍ଷିତ ଭାବେ ସାପକୁ ଧରି ବସ୍ତାରେ ଭର୍ତ୍ତି କରିଥିଲେ। ସ୍ଥାନୀୟ ଯୁବକ ଆଶିଷ ପଣ୍ଡା ବନ ବିଭାଗକୁ ଫୋନ କରି ଜଣାଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ସାପକୁ ନେଇ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡିଥିଲେ ବୋଲି ଡିହଡୋଳ ଫରେଷ୍ଟର ବିଶ୍ୱନାଥ ସୁରେନ ସୂଚନା ଦେଇଛନ୍ତି।



# ଗଜ ଉତ୍ସବ ସମାରୋହ ଉଦ୍‌ଯାପିତ

ଢେଙ୍କାନାଳ,୪।୧୧(ରତନ ନାୟାର)

ଢେଙ୍କାନାଳ ବନଖଣ୍ଡ ଓ ଭାରତୀୟ ବନ୍ୟପ୍ରାଣୀ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଗଜ ଉତ୍ସବ ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। ହାତୀଙ୍କ ସୁରକ୍ଷା, ହାତୀ-ମଣିଷ ମଧ୍ୟରେ ବିବାଦ କିପରି କମ୍ ହେବ, ସେଥିପାଇଁ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ହାତୀ ବାସ କରୁଥିବା ଜିଲାମାନଙ୍କରେ ଏହି ଉତ୍ସବ ଆୟୋଜିତ ହୋଇଛି। ଏହି ଗଜ ଉତ୍ସବରେ ଗଜଦଣ୍ଡକୁ ସ୍ମାରକ ଭାବେ ପ୍ରତି ଜିଲାର ବନଖଣ୍ଡ ଅଧିକାରୀ ପ୍ରଦାନ କରିବେ। ଗଜଦଣ୍ଡ ଢେଙ୍କାନାଳରୁ ବାହାରି ଅନୁଗୋଳ, ଆଠମଲ୍ଲିକ, ରେଢାଖୋଲ, ସମ୍ବଲପୁର, ରାଉରକେଲା, ବଣାଇ, କେନ୍ଦୁଝର, ଗୁଲଡିହା ଦେଇ ମୟୂରଭଞ୍ଜ ଜିଲାକୁ ଯିବ। ହାତୀ ବସବାସ କରୁଥିବା ଅଞ୍ଚଳରେ ବିଭିନ୍ନ ବର୍ଗର ଲୋକମାନଙ୍କୁ ସାମିଲ କରି ବିଭିନ୍ନ ସ୍କୁଲ, କଲେଜ, ଗ୍ରାମବାସୀଙ୍କୁ ସଚେତନ କରିବା ସହିତ ଚଳଚ୍ଚିତ୍ର, ଲୋକନୃତ୍ୟ, କାନ୍ଥଚିତ୍ର, ହାତୀ ଚିତ୍ର ପ୍ରଦର୍ଶନୀ, ସାଇକେଲ ରାଲି ମାଧ୍ୟମରେ ହାତୀ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ଢେଙ୍କାନାଳରେ ଅନୁଷ୍ଠିତ ୩ ଦିନିଆ କାର୍ଯ୍ୟକ୍ରମରେ ସଦର ବ୍ଲକ ସଦେଇବେରେଣୀ ଗ୍ରାମରେ ସଚେତନତା ଓ ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା। ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବନ କର୍ମଚାରୀମାନେ ସାମିଲ ହୋଇଥିଲେ।


ଗଜ ଉତ୍ସବରେ ଗଜ ଦଣ୍ଡ ପ୍ରଦାନ କରାଯାଉଛି।

# ଗ୍ରାମ କମିଟି ଚୟନକୁ ନେଇ ଥାନାରେ ଅଭିଯୋଗ

ଛେଣ୍ଡିପଦା,୪।୧୧ (ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ପରଙ୍ଗ ଗ୍ରାମ କମିଟି ଚୟନକୁ ନେଇ ଥାନାର ଦ୍ୱାରସ୍ଥ ହୋଇଛି ଗ୍ରାମ କମିଟି। ଗତ ୩ ତାରିଖ ସନ୍ଧ୍ୟାରେ ଗ୍ରାମ କମିଟି ସଭାପତି ବିପିନ ବିହାରୀ ପାତ୍ର ଅଭିଯୋଗରେ ଦର୍ଶାଇଛନ୍ତି, ଗ୍ରାମରେ କେତେଜଣ ସଦସ୍ୟ ନ ଥିବା ବେଳେ ସୁବାସ ମହାଖୁଡ ନୂଆ ସଭାପତି ହୋଇଛନ୍ତି ବୋଲି କହିଥିଲେ। ନୂତନ ସଭାପତି ଚୟନ ପାଇଁ ପରଙ୍ଗ ଗ୍ରାମ କୋଠଘର ଠାରେ ବୈଠକ ହୋଇନାହିଁ। ଏପରିକି ସେ କାହାରିକୁ ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଘଟଣା ସମ୍ପର୍କରେ ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ଉଭୟ ଗୋଷ୍ଠୀର କର୍ମକର୍ତ୍ତାଙ୍କୁ ନେଇ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ଚଳାଇଥିବା ପ୍ରକାଶ କରିଛନ୍ତି।

# ଦୁର୍ନୀତିମୁକ୍ତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆହ୍ୱାନ

**ଇ-ଟେକ୍ କଲେଜରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମ**

ଢେଙ୍କାନାଳ,୪।୧୧(ରତନ ନାୟାର)

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ସ୍ଥାନିୟ ଇ- ଟେକ୍ ଆବାସିକ ସ୍ନାତକ ମହାବିଦ୍ୟାଳୟଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଜୟନ୍ତ ବର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଟାଟା ପାୱାର (ଟିପିସିଓଡିଏଲ୍)ର ଦୁର୍ନୀତି ନିବାରଣ ଅଧିକାରୀ ଅଭିଜିତ୍ ରାଉତ ଓ ମେହେନ୍ଦି ପରୱିନ୍ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶିଳତା ନୀତି ଅବଲମ୍ବନ ଉପରେ ଆଲୋକପାତ କରି ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଦୁର୍ନୀତି ବିରୋଧି ଅଭିଯାନରେ ସାମିଲ୍ ହୋଇ ଏକ ଦୁର୍ନୀତିମୁକ୍ତ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇ ଦୁର୍ନୀତି ବିରୁଦ୍ଧରେ ସଂଗ୍ରାମ ଜାରି ରଖିବା ପାଇଁ ଶପଥପାଠ କରିଥିଲେ। ଶେଷରେ ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଜିତେନ୍ଦ୍ର ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ଜିଲାସ୍ତରୀୟ ଇଂଲିଶ ବକ୍ତୃତା ପ୍ରତିଯୋଗିତାରେ ଇ-ଟେକ୍ ମହାବିଦ୍ୟାଳୟର ଛାତ୍ରୀ ଋତୁପର୍ଣ୍ଣା ପଟ୍ଟନାୟକ ଓ ଛାତ୍ର ସୂର୍ଯ୍ୟାଂଶୁ ସ୍ୱୟମ୍ଭୁ ମହାନ୍ତି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାରେ ଶ୍ୟାମସୁନ୍ଦର ପଟ୍ଟନାୟକ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।


ଇ-ଟେକ୍ କଲେଜରେ ଦୁର୍ନୀତି ନିବାରଣ ସଚେତନତା କାର୍ଯ୍ୟକ୍ରମରେ ଅତିଥି ଓ ଛାତ୍ରୀଛାତ୍ର।

# ଗୋ ଚାଲାଣ ବେଳେ ଡଙ୍ଗା ବୁଡ଼ି ଜଣେ ନିଖୋଜ ଚର୍ଚ୍ଚା

ଓଡ଼ାପଡ଼ା,୪।୧୧ (ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କଣ୍ଟାବଣିଆ ଥାନା ଅନ୍ତର୍ଗତ କମଳାଙ୍ଗ ଗ୍ରାମ ବ୍ରାହ୍ମଣୀ ନଦୀ ଘାଟରେ ରବିବାର ସନ୍ଧ୍ୟାରେ ଏକ ଡଙ୍ଗା ସାହାଯ୍ୟରେ ଗୋ ଚାଲାଣ ବେଳେ ଡଙ୍ଗା ବୁଡ଼ିଯିବାରୁ କେତୋଟି ଗୋରୁଙ୍କ ସହ ଜଣେ ବ୍ୟକ୍ତି ପାଣିରେ ବୁଡି ନିଖୋଜ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ, ଏହି ଘାଟରେ ଅଧିକାଂଶ ସମୟରେ ଗୋ ଚାଲାଣ କରାଯାଉଛି। ଦଲାଲମାନେ ସ୍ଥାନୀୟ ପୋଲିସ ଓ ରାଜନୈତିକ ବ୍ୟକ୍ତିଙ୍କୁ ମୋଟା ଅଙ୍କର ବଟି ଦେଇ ଅବାଧରେ ଗୋ ଚାଲାଣ କରୁଛନ୍ତି। କେନ୍ଦୁଝର ଅଞ୍ଚଳର ଜଣେ ବ୍ୟକ୍ତି କମଳାଙ୍ଗ ଗ୍ରାମ ନିକଟରେ ରହି ଗୋରୁମାନଙ୍କୁ ନଦୀ ପାର କରି ପରଜଙ୍ଗ ଅଞ୍ଚଳକୁ ନେବା ପରେ ରାତିରେ କଣ୍ଟେନରରେ ଲୋଡ କରି ବିଭିନ୍ନ ସ୍ଥାନକୁ ଚାଲାଣ କରିଥାନ୍ତି। ରବିବାର ସମ୍ପୃକ୍ତ ବ୍ୟକ୍ତି ଡଙ୍ଗା ସାହାଯ୍ୟରେ ଗୋରୁଙ୍କୁ ନଦୀ ପାର କରିବା ସମୟରେ ଡଙ୍ଗା ଓଲଟି ପଡିଥିଲା। ଫଳରେ କେତୋଟି ଗୋରୁଙ୍କ ସହ ସମ୍ପୃକ୍ତ ବ୍ୟକ୍ତି ପାଣିରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଖବରପାଇ କଣ୍ଟାବଣିଆ ଥାନା ଆଇଆଇସି ତୁଳସୀ ଭୂୟାଁ ବଅଁରପାଳ ଦମକଳବାହିନୀକୁ ନେଇ ନଦୀରେ ଖୋଜା ଖୋଜି କରିଥିଲେ ମଧ୍ୟ ନିଖୋଜଙ୍କ ସନ୍ଧାନ ପାଇପାରି ନାହାନ୍ତି। ପୋଲିସ ପ୍ରଶାସନ ଅବାଧ ଗୋ ଚାଲାଣ ରୋକିବାକୁ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମର କେତେଜଣ ବ୍ୟକ୍ତି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଆଇଆଇସି କହିଛନ୍ତି, ନଦୀରେ ଗାଧୋଇବା ବେଳେ ଜଣେ ବ୍ୟକ୍ତି ବୁଡ଼ି ନିଖୋଜ ହୋଇଯାଇଥିବା ଅଭିଯୋଗ ଆସିବା ପରେ ଦମକଳ ବାହିନୀକୁ ନେଇ ଖୋଜାଖୋଜି କରାଯାଇଥିଲା। କାହାରି ସନ୍ଧାନ ମିଳି ନ ଥିବାରୁ ଫେରି ଆସିଛୁ।

# ଅଭିନୟ ଡ୍ୟାନ୍ସ ଏକାଡେମୀର ପ୍ରଥମ ବାର୍ଷିକୋତ୍ସବ



ଅଭିନୟ ଡ୍ୟାନ୍ସ ଏକାଡେମୀର ପ୍ରଥମ ବାର୍ଷିକୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ।

ଢେଙ୍କାନାଳ,୪।୧୧(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଶ୍ୟାମାଚରଣପୁରଠାରେ ଥିବା ଅଭିନୟ ଫାଉଣ୍ଡେଶନ ତରଫରୁ 'ଅଭିନୟ ଡ୍ୟାନ୍ସ ଏକାଡେମୀ'ର ପ୍ରଥମ ବାର୍ଷିକୋତ୍ସବ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍‌ରେ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ପରାମର୍ଶଦାତା ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କୁନିକୁନି ପ୍ରତିଭାମାନେ ଭବିଷ୍ୟତରେ ଜିଲା ତଥା ରାଜ୍ୟରେ ସୁନାମ ଅର୍ଜନ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ନିରୋଦାନନ୍ଦ ନନ୍ଦ, ଜିଏସ୍‌ଟିର ଡେପୁଟି କମିଶନର ହରପ୍ରିୟା ମହାପାତ୍ର ଯୋଗଦାନ କରି ପିଲାଦିନର ସ୍ମୃତିକୁ ରୋମନ୍ଥନ କରିଥିଲେ। ଢେଙ୍କାନାଳର ଅଗ୍ରଣୀ ଅନୁଷ୍ଠାନ 'ନୀତା ନୃତ୍ୟାଙ୍ଗନା'ର ଛାତ୍ରଛାତ୍ରୀମାନେ ଚିତାକର୍ଷକ ନୃତ୍ୟମାନ ପ୍ରଦର୍ଶନ କରିଥିଲେ। ସଭାପତି ନୃତ୍ୟଗୁରୁ ସୁଚିସ୍ମିତା ମାନା ଅନୁଷ୍ଠାନ ବିଷୟରେ ଆଲୋକପାତ କରିଥିଲେ। ସଞ୍ଚାଳକ ସୁଶାନ୍ତ ପାଣି, ବିଜ୍ଞାନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ନୃତ୍ୟଗୁରୁ ରଶ୍ମିତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ବିଶିଷ୍ଟ କଳାକାର ସର୍ବେଶ୍ୱର ମଲ୍ଲିକଙ୍କୁ 'ଆସର ବିଶିଷ୍ଟ କଳାକାର ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଗନେଇଥିବା ସମସ୍ତ ପ୍ରତିଯୋଗୀ, କୀର୍ତ୍ତନମଣ୍ଡଳୀ ଏବଂ ସମସ୍ତ କଳାକାରଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

# ଜନଶୁଣାଣିରେ ୧୩୨ ଅଭିଯୋଗ ଗ୍ରହଣ

ଢେଙ୍କାନାଳ,୪।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଲେଥକା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୩୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୧୩ଟି ବ୍ୟକ୍ତିଗତ ସମସ୍ୟା, ୧୭ଟି ଗ୍ରାମ ସମ୍ପର୍କିତ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ଗୋଟିଏ ଓ ରେଡକ୍ରସରୁ ସହାୟତା ପାଇଁ ଗୋଟିଏ ଅଭିଯୋଗ ରହିଥିଲା। ଶିବିରରେ ୬୫ଟି ଅଭିଯୋଗର ସମାଧାନ ହୋଇଥିଲା। ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦାୟିତ୍ୱରେ ଥିବା ସୁଜାତା ଶୁଭଦର୍ଶିନୀ ନାୟକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ ବିଶ୍ୱାଳଙ୍କ ସମେତ ବ୍ଲକ ଓ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜନ ଅଭିଯୋଗ ଶୁଣାଣି ଶିବିରରେ ଅଧିକାରୀମାନେ।

# ପାଦୁକା ଯାତ୍ରା ରଥକୁ ଭବ୍ୟ ସ୍ୱାଗତ



ପରଜଙ୍ଗ,୪।୧୧(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକରେ ଶ୍ରୀ ସତ୍ୟସାଇ ବାବାଙ୍କ ଦିବ୍ୟ ପାଦୁକା ଯାତ୍ରା ପରିକ୍ରମା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଶା ଶ୍ରୀ ସତ୍ୟସାଇ ସଙ୍ଗଠନ ଆନୁକୂଲ୍ୟରେ ସତ୍ୟସାଇ ବାବାଙ୍କ ଆବିର୍ଭାବର ଶତବାର୍ଷିକୀ ପୂର୍ତ୍ତି ଅବସରରେ ଏହି ପାଦୁକା ଯାତ୍ରା ଆରମ୍ଭ ହୋଇଛି। ବାବାଙ୍କ ରଥ ଅନୁଗୋଳ ଜିଲାର ବିଭିନ୍ନ ପ୍ରାନ୍ତ ପରିକ୍ରମା କରି ରବିବାର ଅପରାହ୍ଣରେ ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ସରାଙ୍ଗ ପଞ୍ଚାୟତ ଜଟିଆ ଛକରେ ପହଞ୍ଚିଥିଲା। ସେଠାରେ ସହସ୍ରାଧିକ ସାଇ ଭକ୍ତ ଓ ସଙ୍କୀର୍ତ୍ତନ ମଣ୍ଡଳୀଙ୍କ ସହଯୋଗରେ ବାବାଙ୍କ ରଥକୁ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଏକ ବିଶାଳ ଶୋଭାଯାତ୍ରା କରି ସରାଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରକୁ ପାଛୋଟି ଅଣାଯାଇଥିଲା। ବିଦ୍ୟାଳୟର ଛାତ୍ରୀମାନେ ସତ୍ୟସାଇ ଭାବପୂର୍ଣ୍ଣ ସଙ୍ଗୀତ ଗାନ ସାଙ୍ଗକୁ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ପାଦୁକା ଯାତ୍ରାର ମୁଖ୍ୟ ଦାୟିତ୍ୱ ନିର୍ବାହ କରିଥିଲେ ପ୍ରେମାନନ୍ଦ ସାହୁ, ସରସତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ କୁମାର ଦେହୁରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ପ୍ରଦୀପ କୁମାର ବରାଳ, ଅତିରିକ୍ତ ଭାରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ପ୍ରଧାନ, ବ୍ଲକ ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘ ଉପଦେଷ୍ଟା ହୃଦୟ ଚମ୍ପତସିଂହ, କୋଷାଧକ୍ଷ ଅଭୟ କୁମାର ସାହୁ, ପରଜଙ୍ଗ ସତ୍ୟସାଇ ନିଳୟମ ସମିତିର ବିକାଶ କୁମାର ନାୟକ, କମଳ ଲୋଚନ ବାରିକ, ରଞ୍ଜନ କୁମାର ଦଳବେହେରା, ଦୁର୍ଗା ଚରଣ ପାତ୍ର, ଦାମୋଦର ବାରିକ, ଦୁର୍ଗା ପ୍ରସାଦ ସେଠୀ, ଅରବିନ୍ଦ ସେଠୀ, ଦିନେଶ ସର୍ଦ୍ଦାରସିଂହ, ଫିରୋଜ ଦଳବେହେରା, ପପୁ ମହାରଣା, ଗୀତା କବି, ରଶ୍ମିତା ବାରିକ, ରୀନା ଦଳବେହେରା, ସୀମାରାଣୀ ନାୟକ, ରାଜେଶ୍ୱରୀ ନାୟକ, ମିଲିରାଣୀ ଦଳବେହେରା, ସରିତାପ୍ରଭା ନାୟକ।

# ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଯୋଗଦେଲେ ଏମ୍‌ପି

ସାତମାଇଲ,୪।୧୧(ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ସଞ୍ଜପଡା ଗ୍ରାମ ତ୍ରିନାଥ ମନ୍ଦିରରେ ସୋମବାର ତ୍ରିନାଥ ଠାକୁରଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ପ୍ରମୋଦ କୁମାର ନାୟକ ଓ ସମ୍ପାଦକ ଆଲୋକ ରଞ୍ଜନ ନାୟକଙ୍କ ତତ୍ତ୍ୱାବଧାନରେ ଗ୍ରାମର ମହିଳା ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି ଯୋଗ ଦେଇଥିଲେ। ଭାଜପା ନେତା ଦୀପକ ବେହେରା, ଜିତୁରଞ୍ଜନ ବେହେରା, ଟୁନା ନାଥ, ରାଜେଶ ସାହୁ, ଯଶୋବନ୍ତ ରଣଜିତ ରାୟ, ରବିନ ବାରିକ, ସୁଜିତ ବାରିକ, ଟିଟୁ ସାହୁ, ସୁଜିତ ନାୟକ, ଲଳିତ ସାହୁ, ଶଶାଙ୍କ ପ୍ରଧାନ, ସୁନିତା ନାଥ, ଗୀତାଞ୍ଜଳି ସାହୁ, ସ୍ୱର୍ଣ୍ଣମଞ୍ଜରୀ ରାଉତ ପ୍ରମୁଖ ଶତାଧିକ କାର୍ଯ୍ୟକର୍ତ୍ତା ଆମନା ଛକ ନିକଟରୁ ଏକ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ଏମ୍‌ପିଙ୍କୁ ପାଛୋଟି ନେଇଥିଲେ। ଏହାପରେ ଏମ୍‌ପି ମନ୍ଦିର ଗର୍ଭଗୃହରେ ଠାକୁରଙ୍କୁ ଦର୍ଶନ କରିଥିଲେ। ତାଙ୍କ ସହ ଜିଲା ସମ୍ପାଦକ ସୁଶାନ୍ତ ପତି, ବ୍ଲକ ଉପାଧକ୍ଷ ବରୁଣ ସର, ସରପଞ୍ଚ ପ୍ରତାପ ପ୍ରଧାନ, ଶୈଳେନ୍ଦ୍ରି ଅମାନ୍ତ, ନର୍ମଦା ସେଠୀ, ବସନ୍ତ ସାହୁ, ସମିତିସଭ୍ୟ ମିନତି ସାହୁ, ପ୍ରକାଶ ବେହେରା, ପ୍ରଭାସ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଆଳତି ଓ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆଚାର୍ଯ୍ୟ ଭାବେ ପଣ୍ଡିତ ଟୁଟୁ ନାଥ କାର୍ଯ୍ୟକ୍ରମ ସମ୍ପାଦନା କରିଥିବା ସମୟରେ ଆଖ ପାଖ ଅଞ୍ଚଳ ଓ ସଞ୍ଜପଡା ଗ୍ରାମର ନାମ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ହରିନାମ ପରିବେଷଣ କରିଥିଲେ। ଏହାପରେ ଏମ୍‌ପି ସ୍ଥାନୀୟ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଶୁଣି ଖୁବ୍‌ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।



# ପୌରପାଳିକା ଉପରେ ଦୋଷ ଲଦିଲେ ସହରବାସୀ

**ଅନୁଗୋଳ ଡେଲି ମାର୍କେଟରେ ଅଗ୍ନିକାଣ୍ଡ ଘଟଣା**

- ଅସୁରକ୍ଷିତ ପିଣ୍ଡିରେ କେମିତି ହୋଇଥିଲା ଗୋଦାମ
- ବସିବାକୁ କିଏ ଦେଇଥିଲା ଅନୁମତି
- ବେପାର ପାଇଁ ଦିଆଯାଉଥିଲା ମୋଟା ଅଙ୍କର ଅର୍ଥ



ଅନୁଗୋଳ,୪।୧୧(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ସହର ଡେଲି ମାର୍କେଟରେ ଅଗ୍ନିକାଣ୍ଡ ପରେ ଘଟଣାକୁ ନେଇ ଚାଲିଛି ନାନା ଆଲୋଚନା। ଚାଷୀମାନେ ପରିବା ବିକ୍ରି କରିବା ପାଇଁ ପୌରପାଳିକା ତରଫରୁ ଏଠାରେ ୫୦ଟି ପିଣ୍ଡି ଓ ଟିଣ ସେଡ୍ କରାଯାଇଥିବା ବେଳେ ତାହାକୁ ଦୀର୍ଘଦିନ ହେଲା ଅସୁରକ୍ଷିତ ବୋଲି ଘୋଷଣା କରାଯାଇଥିଲା। ଫଳରେ ସେଠାରେ ଚାଷୀମାନେ ଆଉ ବସି ପରିବା ବିକ୍ରି କରୁ ନ ଥିଲେ। କିନ୍ତୁ ଉକ୍ତ ଅସୁରକ୍ଷିତ ସେଡ୍‌ରେ କିପରି ଗୋଦାମ କରାଗଲା ଓ ଏଥିପାଇଁ କିଏ ଅନୁମତି ଦେଇଥିଲେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଏଥିପାଇଁ ପୌରପାଳିକା ଆଡ଼କୁ ସହରବାସୀ ଅଙ୍ଗୁଳି ଉଠାଉଥିବା ବେଳେ ଗୋଦାମ କରିଥିବା ବ୍ୟବସାୟୀମାନେ ଏଥିପାଇଁ କେତେଜଣ କର୍ମଚାରୀଙ୍କୁ ମୋଟା ଅଙ୍କର ଅର୍ଥ ଦେଉଥିବା ଆଲୋଚନା ହେଉଛି।

ସହରବାସୀଙ୍କ କହିବା ଅନୁଯାୟୀ, ଖାଲୁଆ ଅଞ୍ଚଳରେ ମାର୍କେଟ ହୋଇଥିବାରୁ ଟିକେ ବର୍ଷା ହେଲେ ପାଣି ଜମିଯାଉଥିଲା। ରକ୍ଷଣାବେକ୍ଷଣ ଅଭାବରୁ ପିଣ୍ଡି ସହ ହୋଇଥିବା ଟିଣ ସେଡ୍‌ଗୁଡ଼ିକ ଭାଙ୍ଗି ଯାଇଥିବାରୁ ମରାମତି ନ ହେବା ପର୍ଯ୍ୟନ୍ତ ସେଠାରେ କୌଣସି ଚାଷୀ ପରିବା ବିକ୍ରୟ କରିପାରିବେ ନାହିଁ ବୋଲି ପୌରପାଳିକା ତରଫରୁ କୁହାଯାଇଥିଲା। ୫ବର୍ଷ ହେଲା ପୌରପାଳିକା ପକ୍ଷରୁ ଏହାକୁ ଅସୁରକ୍ଷିତ ଘୋଷଣା କରାଯାଇଥିଲା। ଏପରି କି ପୌର ପରିଷଦ ବୈଠକରେ ଉକ୍ତ ମାର୍କେଟ ମରାମତି କରିବା ପାଇଁ ବାରମ୍ବାର କାଉନସିଲରମାନେ ଦାବି ଉଠାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଇତିମଧ୍ୟରେ କେତେଜଣ ବେପାରୀ ପିଣ୍ଡିକୁ ଅକ୍ତିଆର କରି ଗୋଦାମ ଘର କରି ରଖିଥିଲେ। ସେହିପରି ପରିତ୍ୟକ୍ତ ଅବସ୍ଥାରେ ଥିବା ଉକ୍ତ ମାର୍କେଟରେ ଲାଇଟ ନ ଥିବାରୁ ସନ୍ଧ୍ୟାରେ ମଦ୍ୟପଙ୍କ ଆସର ଜମୁଥିଲା। ସବୁଠାରୁ ଆଶ୍ଚର୍ଯ୍ୟର କଥା ଉକ୍ତ ମାର୍କେଟ ପୌରପାଳିକା ନିର୍ମାଣ କରିଥିଲେ ମଧ୍ୟ ଭିତରକୁ ବଡ଼ ଗାଡ଼ି ପ୍ରବେଶ ପାଇଁ ପ୍ରଶସ୍ତ ରାସ୍ତା ନ ଥିଲା। ଫଳରେ ଅଗ୍ନିକାଣ୍ଡ ବେଳେ ଭିତରକୁ ଯିବାକୁ ଅଗ୍ନିଶମ ଗାଡ଼ିକୁ ନାକେଦମ ହେବାକୁ ପଡ଼ିଥିଲା। ବାଟ ନ ଥିବାରୁ ମୁଖ୍ୟ ଚିକିତ୍ସାଳୟ ପଛପାଖ ଗେଟ ଦେଇ ଅଗ୍ନିଶମ ଗାଡି ଭିତରକୁ ଯାଇ ନିଆଁ ଲିଭାଇଥିଲା। ଏ ସଂକ୍ରାନ୍ତରେ ପୌର ଅଧିକାରୀ ପ୍ରଶାନ୍ତ କିଶୋର ନାୟକ କହିଛନ୍ତି, ଡେଲି ମାର୍କେଟ ପିଣ୍ଡି ମରାମତି ପାଇଁ ଟେଣ୍ଡର ହୋଇଯାଇଛି। ପିଣ୍ଡି ଅସୁରକ୍ଷିତ ଘୋଷଣା ପରେ ମଧ୍ୟ କେତେଜଣ ବେପାରୀ ଜବରଦସ୍ତି ବସି ବେପାର କରୁଥିଲେ। ମୋଟା ଅଙ୍କର ଅର୍ଥ ନିଆଯିବା ଅଭିଯୋଗର ତଦନ୍ତ କରାଯିବ।

# ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ଏମ୍‌ପି

ଅନୁଗୋଳ, ୪।୧୧ (ମାନସ ବିଶ୍ୱାଳ)

ଅନୁଗୋଳ ବ୍ଲକ ପୁରୁଣାକୋଟ ପଞ୍ଚାୟତ ଛୋଟକେଇ ଗ୍ରାମର ସତ୍ୟ ଧଳ (୫୫)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା। ଏହି ଖବରପାଇ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପରାମର୍ଶ କ୍ରମେ ମୃତକଙ୍କ ବାସଭବନରେ ପହଞ୍ଚି ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ବ୍ୟକ୍ତିଗତ ଭାବେ ଆର୍ଥିକ ସାହାଯ୍ୟ ସହ ଭାଜପା ପକ୍ଷରୁ ଲୁଗା ଓ ରାଶନ ସାମଗ୍ରୀ ପ୍ରଦାନ କରିଥିଲେ। ସରକାରଙ୍କ ତରଫରୁ ୬୦ ହଜାର ଟଙ୍କା ଦିଆଯାଇଥିବା ବେଳେ ବାକି ୫ ଲକ୍ଷ ୪୦ ହଜାର ଟଙ୍କା ଖୁବଶୀଘ୍ର ପ୍ରଦାନ କରାଯିବ ବୋଲି ବନବିଭାଗ ପକ୍ଷରୁ ଘୋଷଣାପତ୍ର ମୃତକଙ୍କ ପୁତ୍ର ଶରତ ଧଳଙ୍କୁ ଏମ୍‌ପି ପ୍ରଦାନ କରିଥିଲେ। ମୃତ ବ୍ୟକ୍ତିଙ୍କ ବିଧବା ସ୍ତ୍ରୀଙ୍କୁ ନିକଟସ୍ଥ ଇକୋ ଟୁରିଜମ ସେଣ୍ଟରରେ ଅନୁକମ୍ପାମୂଳକ ନିଯୁକ୍ତି ଦିଆଯିବ ବୋଲି ଡିଏଫଓ ସରୋଜ ପଣ୍ଡା କହିଥିଲେ। ଏମ୍‌ପିଙ୍କ ସହ ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ସାତକୋଶିଆ ଡିଏଫଓ ସରୋଜ ପଣ୍ଡା, ପୁରୁଣାକୋଟ ଓ ପମ୍ପାସର ରେଞ୍ଜର ତଥା ବନବିଭାଗର ସମସ୍ତ ଅଧିକାରୀ, ଭାଜପା ସାତକୋଶିଆ ମଣ୍ଡଳ ସଭାପତି ଅନନ୍ତ ବାସୁଦେବ ମହାନ୍ତି, ବିଶ୍ୱଜିତ ମିଶ୍ର, କେନ୍ଦ୍ରମନ୍ତ୍ରୀଙ୍କ ଅନୁଗୋଳ ବ୍ଲକ ପ୍ରତିନିଧି ଆଡଭୋକେଟ ପ୍ରଦୀପ ପ୍ରଧାନ, ଝୁନୁବାଳା ପ୍ରଧାନ, ପ୍ରଭାତ ମିଶ୍ର, ବନମାଳୀ ଧଳ, ଦୀପକ ଦାସ, ବୀରେନ ଦାସ, ଅରବିନ୍ଦ ଦାସ, ଲିଟନ ସାହୁ, ବିକ୍ରମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଉଛନ୍ତି ଢେଙ୍କାନାଳ ଏମ୍‌ପି ଓ ଭାଜପା ନେତାମାନେ।

# ପାଚିକା ସହାୟିକା ସଂଘର ସାଧାରଣ ସଭା

ବଇଣ୍ଡା, ୪।୧୧(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବିଦ୍ୟାଳୟ ପାଚିକା ସହାୟିକା ମହାସଂଘର ଏକ ସାଧାରଣ ସଭା ରବିବାର ବରପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସଂଘ ନେତ୍ରୀ ଅଞ୍ଜଳି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇୟୁଟିୟୁସି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ତୀର୍ଥବାସୀ ଭୋଇ ଯୋଗଦେଇ ସରକାର ପାଚିକାଙ୍କ ପ୍ରତି କରୁଥିବା ଅବହେଳା ସମ୍ପର୍କରେ କହିଥିଲେ। ଏଥିରେ ପାଚିକାମାନେ କହିଥିଲେ, ସେମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା ପାଇଁ ବହୁବାର ଆନ୍ଦୋଳନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏପରିକି ସେମାନଙ୍କୁ ୧୨ ମାସର ଦରମା ଯୋଗାଇ ଦିଆଯାଉ ନାହିଁ। ଫଳରେ ସେମାନେ ହଇରାଣ ହେଉଛନ୍ତି। ସେମାନଙ୍କୁ ସମସ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ସେମାନେ ଦାବି କରିଥିଲେ। ଏଥିରେ ପାଚିକା ସଂଘର ଶକୁନ୍ତଳା ସାହୁ, ବିସ୍ମିତା ଖାଙ୍କର, ଲକ୍ଷ୍ମୀ ପ୍ରଧାନ, ହେମଲତା ନାୟକ, କୌଶଲ୍ୟା ସାହୁ, ଶୋଭାଙ୍ଗିନୀ ସାହୁ, ସୁମିତ୍ରା ବେହେରା, ଗୀତାଞ୍ଜଳି ବେହେରା ପ୍ରମୁଖ ଯୋଗ ଦେଇଥିଲେ।



# ଜନ ଅଭିଯୋଗ ଶୁଣାଣିରେ ୧୦୧ ଅଭିଯୋଗ




ବଇଣ୍ଡା, ୪।୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ସଭାଗୃହ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ଅବଦଲ ମହମ୍ମଦ ଅଖତାର ଯୋଗଦେଇ ୧୦୧ଟି ଅଭିଯୋଗ ଶୁଣାଣି କରିବା ସହ ଅଭିଯୋଗଗୁଡ଼ିକୁ ଶୀଘ୍ର ସମାଧାନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଅତିରିକ୍ତ ଏସ୍‌ପି ଅନିଲ କୁମାର ବେଉରା, ଏଡିଏମ୍‌ଓ ଉଦୟ ମହାପାତ୍ର, ହେମନ୍ତ କୁମାର ସିଂ, ବ୍ଲକ ଅଧ୍ୟକ୍ଷା ସୈରେନ୍ଦ୍ରୀ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ଆଠମଲ୍ଲିକ ଉପଜିଲାପାଳ ଦିଲୀପ କୁମାର ବେହେରା, ଏସ୍‌ଡିପିଓ ବାଳକୃଷ୍ଣ କଅଁର, କିଶୋରନଗର ବିଡିଓ ବିନୋଦ ବିହାରୀ ବେହେରା, କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ନୂତନ ଉପଜିଲାପାଳଙ୍କ ଯୋଗଦାନ

ଆଠମଲ୍ଲିକ,୪।୧୧(ଉଦୀପ୍ତ ପୁରୋହିତ)



ଆଠମଲ୍ଲିକର ନୂତନ ଉପଜିଲାପାଳ ଭାବେ ଡ. ଦିଲୀପ ବେହେରା ସୋମବାର ଅପରାହ୍ଣରେ ଦାୟିତ୍ୱ ନେଇଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ସେ ଏହି ଦାୟିତ୍ୱ ଗ୍ରହଣ କରିଥିଲେ। ଉପଜିଲାପାଳ ଦାୟିତ୍ୱରେ ଥିବା ଡ. ପ୍ରଭୁପୀୟୁଷ ମହାପାତ୍ର ନୂଆ ଉପଜିଲାପାଳଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସୂଚନାଥାଉକି, ନୂତନ ଉପଜିଲାପାଳ ବେହେରା ଗଜପତି ଜିଲା ପାରଳାଖେମୁଣ୍ଡିରେ ପି.ଏ. ଆଇ. ଟି. ଡି. ଏ. ପ୍ରକଳ୍ପ ପ୍ରଶାସକ ଭାବରେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ କରିବା ପରେ ନୂଆ ଉପଜିଲାପାଳ କହିଛନ୍ତି, ଲୋକଙ୍କ ମୌଳିକ ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବେ। ଦାୟିତ୍ୱ ଗ୍ରହଣ ପରେ ଏକାଧିକ ବିଭାଗର ଅଧିକାରୀ ଓ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ନୂଆ ଉପଜିଲାପାଳଙ୍କୁ ସ୍ୱାଗତ କରିଥିଲେ। ସେହିପରି ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରତିନିଧି ସନ୍ତୋଷ ହୋତା ମଧ୍ୟ ନୂଆ ଉପଜିଲାପାଳଙ୍କୁ ସ୍ୱାଗତ କରିଥିଲେ।

**ମୌଳିକ ସମସ୍ୟାକୁ ଗୁରୁତ୍ୱ ଦିଆଯିବ**

# ବଇଣ୍ଡାରେ କାଳୀ ପୂଜା ଭସାଣି

ବଇଣ୍ଡା, ୪।୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାରେ ହେଉଥିବା କାଳୀ ପୂଜା ଭସାଣି ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ମା'ଙ୍କୁ ପଟୁଆରରେ ବଇଣ୍ଡା ନଗର ପରିକ୍ରମା କରାଇବା ପରେ ନିକଟସ୍ଥ ଚନ୍ଦନ ପୋଖରୀରେ ବିସର୍ଜନ କରାଯାଇଥିଲା। ଏଥିରେ ବାଜା ବାଣ ପ୍ରଦର୍ଶନ କରାଯାଇଥିବାବେଳେ ସମସ୍ତ ପୂଜା କମିଟି କର୍ମକର୍ତ୍ତା ସହଯୋଗ କରିଥିଲେ। ବଇଣ୍ଡା ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।



# ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର



ବଅଁରପାଳ,୪।୧୧(ସୁବାସ ସାହୁ)

ବଅଁରପାଳ ବ୍ଲକ ଗିରାଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ବ୍ଲକ ପକ୍ଷରୁ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭୂମିହୀନ, ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ରାଶନକାର୍ଡ, ମହିଳା ଗ୍ରୁପ୍ ପକ୍ଷରୁ ଘର, ଭତ୍ତା, ବ୍ୟାଙ୍କ ଲୋନ ଓ ପ୍ରଧାନମନ୍ତ୍ରୀ ଆବାସ ପାଇଁ ଅଭିଯୋଗପତ୍ର ଆଦି ମୋଟ ୭୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଶିବିରରେ ତହସିଲଦାର ରବିନାରାୟଣ ଆଚାର୍ଯ୍ୟ, ବିଡିଓ ଲୋଚନ ଦାସ, ଏବିଡିଓ ମାଧବ ପାଣିଗ୍ରାହୀ, ବିଏସ୍‌ଏସ୍‌ଓ ଦୀପ୍ତିକାନ୍ତ ସାହୁ, ବିପିଏମ୍ ସୁନିତା ପାଲ, ଏଇଇ ଗୌତମ ନାୟକ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ, ସିଡିପିଓ ଲିଲି ଦାସ, ବିପିଏମ୍ ଦିବ୍ୟରଞ୍ଜନ ସାହୁ, ସପ୍ଲାଇ ଆସିଷ୍ଟାଣ୍ଟ ଲଳିତ ବେହେରା, ପ୍ରାଣୀଧନ ଚିକିତ୍ସକ ବସନ୍ତ କୁମାର ସାହୁ, ଓଡବ୍ଲ୍ୟୁଇ ରଶ୍ମିରାଣୀ ଦାସ ଓ ରାଜସ୍ୱ ନିରୀକ୍ଷକ ସୁଶାନ୍ତ ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଗିରାଙ୍ଗ ସରପଞ୍ଚ ଛବିରାଣୀ ଦେହୁରୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା।

# ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର

ଅନୁଗୋଳ,୪।୧୧(ମାନସ ବିଶ୍ୱାଳ)

ଅନୁଗୋଳ ବ୍ଲକ ମାଳତୀ ବିହାରଠାରେ ଥିବା ମାନବ ସେବାଶ୍ରମରେ ସୋମବାର ନିଃଶୁଳ୍କ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜସେବୀ ମହାସଂଘ ଅନୁଗୋଳ ତରଫରୁ ମାନବ ସେବାଶ୍ରମଠାରେ ଆୟୋଜିତ ଏହି ଶିବିରରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କ ମୋତିଆବିନ୍ଦୁ ଥିବାରୁ ସେମାନଙ୍କ ଅସ୍ତ୍ରୋପଚାର କରିବା ପାଇଁ କଟକସ୍ଥିତ ରୋଟାରି ଚକ୍ଷୁ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ମାନବ ସେବାଶ୍ରମ, ଜୟ ଜଗନ୍ନାଥ ସ୍ୱେଚ୍ଛାସେବୀ ଅନୁଷ୍ଠାନ, କୋହିନୁର କ୍ଲବ, ଶେଷ ଜୀବନସାଥି, ମା'ଫାଉଣ୍ଡେଶନ, ମାନବସେବା ମାଧବସେବା ଭଳି ଅନୁଷ୍ଠାନ ଓ ସାମାଜିକ କର୍ମୀ ପଦ୍ମାକ୍ଷୀ ସିଂ ସହଯୋଗ କରିଥିଲେ।




# ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି ସମ୍ମାନିତ

ବଇଣ୍ଡା,୪।୧୧(ପରିକ୍ଷିତ ସାହୁ)

ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ବ୍ରହ୍ମପୁର ମହାନଗର 'ପୁସ୍ତକମେଳା ଶିଶୁସାହିତ୍ୟ ସମ୍ମାନ–୨୦୨୪' ରେ ସମ୍ମାନିତ କରାଯାଇଛି। ସୋମବାର ଖଲ୍ଲିକୋଟ ମହାବିଦ୍ୟାଳୟ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ଏକାଦଶ ବ୍ରହ୍ମପୁର ମହାନଗର ପୁସ୍ତକମେଳା ଅବସରରେ ଶିଶୁ ସାହିତ୍ୟ ରଚନା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୃଷ୍ଟିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୁସ୍ତକମେଳା ସଭାପତି କବି ସୁଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ କବି ରକ୍ଷକ ନାୟକ, ଗାଳ୍ପିକ ଡ. ଅରବିନ୍ଦ ରାୟ, ଡ.ବନମାଳୀ ପାଣିଗ୍ରାହୀ, ଡ.ଶ୍ୟାମାପ୍ରସାଦ ମିଶ୍ର, ଯାମିନୀକାନ୍ତ ଦାଶ ପ୍ରମୁଖ ସାହିତ୍ୟିକ ଅତିଥି ଭାବେ ଯୋଗଦେଇ ପୃଷ୍ଟିଙ୍କୁ ମାନପତ୍ର, ଫଳକ ଓ ଉପଢ଼ୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପୁସ୍ତକମେଳା ସମ୍ପାଦକ ଅଜିତ ସାବତ ଓ ଉପସଭାପତି ଲିଲି ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୩୦ ଗୋଟି ଶିଶୁ ସାହିତ୍ୟ ପୁସ୍ତକର ସଫଳ ସ୍ରଷ୍ଟା ପୃଷ୍ଟି ସାହିତ୍ୟ ସାଧନା ପାଇଁ ଶତାଧିକ ଅନୁଷ୍ଠାନ ତରଫରୁ ସମ୍ମାନିତ ହୋଇଛନ୍ତି। ବର୍ତ୍ତମାନ ସେ ଅନୁଗୋଳ ଜିଲା କିଶୋରନଗର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି। ତାଙ୍କର ଏହି ସଫଳତା ପାଇଁ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଅଭିନନ୍ଦନ ଜଣାଇଛନ୍ତି।




# ଶିକ୍ଷାପ୍ରାପ୍ତି ହେଉଛି ଛାତ୍ରୀଛାତ୍ରଙ୍କ ଅଧିକାର

**ଖଇରବେରେଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ**

ଛେଣ୍ଡିପଦା,୪।୧୧(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ପାତ୍ରପଡ଼ା ପଞ୍ଚାୟତ ଖଇରବେରେଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଅବସରରେ ପାଳିତ ହେଉଥିବା ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ଜୁବିଲି କମିଟି ସଭାପତି ନିଶାକାନ୍ତ ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ସମ୍ମାନିତ ଅତିଥି ଭାବେ କୋଶଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁ, ଗଡ଼ମଣ୍ଡଳ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ପ୍ରଧାନ, ନୂଆଗାଁ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ବୃନ୍ଦାବନ ପ୍ରଧାନ, ପାତ୍ରପଡା ସରପଞ୍ଚ ରଶ୍ମିତା ପ୍ରଧାନ, ସମିତିସଭ୍ୟ ଦୀପକ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜୁବିଲି କମିଟି ସମ୍ପାଦକ ସୁଶୀଲ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ବେହେରା ତାଙ୍କ ବକ୍ତବ୍ୟରେ ଶିକ୍ଷାପ୍ରାପ୍ତି ହେଉଛି ଛାତ୍ରୀଛାତ୍ରଙ୍କ ଅଧିକାର, ଏହାକୁ ପାଇବା ପାଇଁ ଉଚ୍ଚଆଶା ରଖିବା ସହିତ କଠିନ ପରିଶ୍ରମ କରିବାକୁ କହିଥିଲେ। ମୁଖ୍ୟବକ୍ତା ମଧୁସ୍ମିତା ଛାତ୍ରୀଛାତ୍ରମାନେ ପ୍ରତିଦିନ ବିଦ୍ୟାଳୟକୁ ଆସିଲେ ସେମାନଙ୍କ ଜ୍ଞାନର ବିକାଶ ହୋଇପାରିବ ବୋଲି କହିଥିଲେ। ପରେ ଅତିଥିମାନେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଧାନ ଶିକ୍ଷକ ବଟକୃଷ୍ଣ ଧଳ ବିବରଣୀ ପାଠ କରିଥିଲେ। ଶିକ୍ଷକ ମହେଶ୍ୱର ପ୍ରଧାନ ମଞ୍ଚ ପରିଚାଳନା କରିବା ସହ ପୁରାତନ ଛାତ୍ର ସଂସଦର ସଦସ୍ୟ ସୁଶୀଳ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ବହୁମାନ୍ୟଗଣ ବ୍ୟକ୍ତି ଓ ଜୁବିଲି କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



